## ମୟୂରଭଞ୍ଜ

### ସଂକ୍ଷେପରେ

#### ଡିଏସ୍‌ପି ସ୍ତରରେ ଅଦଳବଦଳ

ବାରିପଦା,୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଗୃହବିଭାଗ ପକ୍ଷରୁ ଡିଏସ୍‌ପି ସ୍ତରରେ ଅଦଳବଦଳ କରାଯାଇଛି। ବଦଳି ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲା ଡିଆଇବି ଡିଏସ୍‌ପି ସୂର୍ଯ୍ୟନାରାୟଣ ଦାସଙ୍କ କନ୍ଧମାଳ ଜିଲା ଡିଆଇବି ଡିଏସ୍‌ପି ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନକୁ କନ୍ଧମାଳ ଜିଲା ଡିଆଇବି ଡିଏସ୍‌ପି ହୃଷିକେଶ ନାଏକଙ୍କୁ ବଦଳି କରାଯାଇଛି। ସେହିପରି ଗଞ୍ଜାମ ଜିଲା ପିସିଆର ସେଲ୍ ଡିଏସ୍‌ପି ମମତା ସାହୁଙ୍କୁ ମୟୂରଭଞ୍ଜ ଜିଲା ଆଇୟୁସିଏଡବ୍ଲ୍ୟୁ ଡିଏସପି, ଖୋର୍ଦ୍ଧା ଜିଲା ଡିଏସ୍‌ପି ନିରୂପମା ମଲ୍ଲିକଙ୍କୁ ମୟୂରଭଞ୍ଜ ଜିଲା ଡିଏସ୍‌ପି, ମୟୂରଭଞ୍ଜ ଜିଲା ପିସିଆର୍ ସେଲ୍ ଡିଏସ୍‌ପି ସବିତା ମାଝୀଙ୍କୁ ଯାଜପୁର ଜିଲା ପିସିଆର୍ ସେଲ୍ ଡିଏସ୍‌ପି, ମୟୂରଭଞ୍ଜ ଜିଲା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ସନାତନ ସାହୁଙ୍କୁ ବ୍ରହ୍ମପୁର ଆଇଏଏଚ୍‌ଟିୟୁ ଡିଏସ୍‌ପି, ମୟୂରଭଞ୍ଜ ଜିଲା ଡିଏସ୍‌ପି ସୋମନାଥ ଜେନାଙ୍କୁ ସୁନ୍ଦରଗଡ଼ ଜିଲା ଡିଏସ୍‌ପି ଭାବେ ବଦଳି କରାଯାଇଛି। ନୂତନ ସ୍ଥାନରେ ଖୁବ୍‌ଶୀଘ୍ର ଯୋଗଦେବା ପାଇଁ ନିର୍ଦ୍ଦେଶ ରହିଛି।

#### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମୋରଡ଼ା,୩୧।୧(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ଜିଲାପରିଷଦ ସଭ୍ୟ ଅଭିରାମ ଭୋଇ, ସଭ୍ୟା ମିନାକ୍ଷୀ ସୋରେନ, ବିଡିଓ ଜୟକୃଷ୍ଣ ପାତ୍ର, ଜିଲା ସାମାଜିକ ସୁରକ୍ଷା ବିଭାଗର ଡିଏସ୍‌ଏସ୍‌ଓ ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବ୍ଲକ ଅଧୀନ ୨୦ ପଞ୍ଚାୟତର ଶତାଧିକ ଦିବ୍ୟାଙ୍ଗ ମହିଳା, ପୁରୁଷ ଓ ଶିଶୁ ଯୋଗ ଦେଇଥିଲେ। ଅସ୍ଥିଶଲ୍ୟ ବିଭାଗରେ ୩୩୫ ଜଣ, ଦୃଷ୍ଟିବାଧିତ ୮୯ ଜଣ, ଶ୍ରବଣ ଓ ବାକ୍‌ବାଧିତ ୯୯ ଜଣ, ମାନସିକ ଅନଗ୍ରସର ୮୨ ଏବଂ ଭେଷଜ ବିଭାଗରେ ୩୦ ଜଣଙ୍କୁ ମିଶାଇ ମୋଟ ୬୩୫ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଚିତ୍ରଡ଼ା କଲେଜର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘କୃଷକଙ୍କ ବିକାଶ ପାଇଁ ଆନ୍ଦୋଳନ ଆବଶ୍ୟକ’

ଖୁଣ୍ଟା,୩୧।୧(ଦେବରଞ୍ଜନ ବେହେରା)

### ମୟୂରଭଞ୍ଜ ଜିଲା କୃଷକ ମହାସଂଘ ସମାବେଶ

ଖୁଣ୍ଟା ବ୍ଲକ ଅଧୀନ ଲକ୍ଷ୍ମଣସାହି ପଞ୍ଚାୟତ ଅରିକୂଳ ଡ୍ୟାମଠାରେ ମୟୂରଭଞ୍ଜ ଜିଲା କୃଷକ ମହାସଂଘର ସମାବେଶ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି କମଳାକାନ୍ତ ମହାକୁଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ଉପଦେଷ୍ଟା ଲୋକନାଥ ଚୌଧୁରୀ, ଜିଲା ସମ୍ପାଦକ ରବୀନ୍ଦ୍ର ଶତପଥୀ, ଉପ ସଭାପତି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମର ସିଂ ସୋରେନ, କୋଷାଧ୍ୟକ୍ଷ ତଥା



ସମାବେଶରେ ଉପସ୍ଥିତ କୃଷକ ମହାସଂଘର କାର୍ଯ୍ୟକର୍ତ୍ତାମାନେ।

ପୂର୍ବତନ ସାମରିକ କର୍ମଚାରୀ ଜୟଦୀପ ସାହୁ , ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର, କୁଶଳଦା ପଞ୍ଚାୟତ ସଭାପତି ପରମାନନ୍ଦ ବେହେରା ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏବେ କୃଷି ଓ କୃଷକଙ୍କ ବିକାଶ କେବଳ ଭାଷଣବାଜିରେ ସୀମିତ ହୋଇ ରହିଯାଇଛି। ଚାଷୀ ପରିବାର ପିଢ଼ି ପରେ ପିଢ଼ି ଚାଷକାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କ ଆର୍ଥିକ ବିକାଶ ହୋଇପାରୁ ନାହିଁ। ଚାଷୀଟିଏ ବିଭିନ୍ନସ୍ତରରେ ଅବହେଳିତ ଓ ଶୋଷଣର ଶିକାର ହେଉଥିବାରୁ କୃଷି ଓ କୃଷକଙ୍କ ବିକାଶ ପାଇଁ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସମାବେଶରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କୃଷକ ଯୋଗ ଦେଇଥିଲେ ।

# ସରିଲା ଜନଜାତି କ୍ରୀଡ଼ା ଉତ୍ସବ

ଗୋପବନ୍ଧୁ ନଗର, ୩୧।୧ (ଶାନ୍ତନୁ କୁମାର ମଡୁଆଳ)

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜୟପୁର ପଞ୍ଚାୟତ ଡମ୍ବରୁଡିହି ପଡ଼ିଆରେ ଚାଲିଥିବା ଦୁଇ ଦିନିଆ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, କୁଶଳଦା ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସିଂ,ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଫୁଟବଲ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, କୁନୁ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତମାନଙ୍କରୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖେଳ ଶିକ୍ଷକ ମଳୟ କୁମାର ଦାସ, ନିର୍ମଳ କୁମାର ଦାସବାବୁ, ଉମାଶଙ୍କର ମହାଳିକ, ଦେବାଶିଷ ମହାପାତ୍ର, ସୁଶାନ୍ତ ରାଉତ, ଶିବ ଚରଣ ଦାସ, ଭକ୍ତ ରଞ୍ଜନ ରାଉତ, ସୁକେନ୍ଦୁ ବିଶ୍ୱାଳ ପ୍ରମୁଖ ଫୁଟବଲ ଖେଳ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ଚଞ୍ଚଳା ମହାନ୍ତ, ମଧୁସ୍ମିତା ପାତ୍ର, ଲକ୍ଷ୍ମୀପ୍ରିୟା ମହାନ୍ତ, ମଞ୍ଜୁଲତା ଦାସ, ସବିତା ମଞ୍ଜରୀ ସ୍ୱାଇଁ ପ୍ରମୁଖ ଆଥଲେଟ୍ ପରିଚାଳନା କରିଥିଲେ।

# ରାତିରେ ହସ୍ପିଟାଲ ବୁଲି ଦେଖିଲେ ଜିଲାପାଳ



ବାରିପଦା,୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ନୂତନ ଜିଲାପାଳ ଆଶିଷ ଠାକ୍‌ରେ କାର୍ଯ୍ୟରେ ଯୋଗଦେବା ପରେ ଜିଲାର ସ୍ୱାସ୍ଥ୍ୟ ସେବା ପ୍ରତି ଧ୍ୟାନ ଦେଇଛନ୍ତି। ମଙ୍ଗଳବାର ରାତିରେ ଜିଲା ସଦର ମହକୁମା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲେ। ଅଚାନକ ସେ ହସ୍ପିଟାଲକୁ ଯାଇ ସ୍ୱାସ୍ଥ୍ୟ ସେବା ଅନୁଧ୍ୟାନ କରିଥିଲେ। ୧୮୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ହସ୍ପିଟାଲରେ ରାତ୍ରିକାଳୀନ ଡିଉଟିରେ ଥିବା ଡାକ୍ତରମାନଙ୍କ ଉପସ୍ଥିତି ନେଇ ମଧ୍ୟ ଅନୁଧ୍ୟାନ କରିଥିଲେ। ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ସଦା ସଚେତନ ରହିଛି ବୋଲି ଜିଲାପାଳ ଠାକ୍‌ରେ କହିଛନ୍ତି।

# ‘ନାରୀଶିକ୍ଷା ହିଁ ଦେଶ ଓ ସମାଜ ପ୍ରଗତିର ବାସ୍ତବ ରୂପାନ୍ତର’



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

ଉଦଳା,୩୧।୧(ସନ୍ତୋଷ କୁମାର ବାଛିନୀ)

### ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଉଦଳା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଦଳା ନଗରପାଳ ପ୍ରମିଳା ପଣ୍ଡା ଯୋଗଦେଇ ଶିକ୍ଷାରେ ନାରୀଙ୍କ ଭାଗିଦାରୀ ଅଧିକ ହେଲେ ସାମାଜିକ ବ୍ୟବସ୍ଥା ଠିକ୍ ମାର୍ଗରେ ଚାଲିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ଅନାଦି ଚରଣ ଗାଁଣ ଯୋଗଦେଇ ନାରୀ ସଶକ୍ତୀକରଣ ଓ ନାରୀ ଶିକ୍ଷା ହିଁ ଦେଶ ଓ ସମାଜ ପ୍ରଗତିର ବାସ୍ତବ ରୂପାନ୍ତର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀତିଶ କୁମାର ଘୋଷ, କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ନାଥ ପୃଷ୍ଟି ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ଶତପଥୀ, ରୀତା ରାଉତ, ଶାସ୍ୱତୀ ଜେନା, ନିବେଦିତା ସିଂ, ବାସନ୍ତୀ ସାହୁ, ନିରୋଜା ବାସୀନି ସଦୁଆଳ, ଦୀପାଳି ଦୀପିକା ବେହେରା, ଫୁଲମଣୀ ମାଝି, ବାବୁରାମ ଜେନା, ଭାଗ୍ୟରବୀ ସାହୁ, ସୁବ୍ରତ ପ୍ରଧାନ,ରବୀନ୍ଦ୍ର ନାଥ ଦଳେଇ, ଦମୟନ୍ତୀ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣିମା ହାଁସଦା, ଲକ୍ଷ୍ମୀ ଦଳେଇ, ମମିତା ସିଂ, ଅର୍ଚ୍ଚିତା ରଣସିଆ ଓ ସାକରା ମାରାଣ୍ଡି ପ୍ରମୁଖ ଛାତ୍ରୀ ସହଯୋଗ କରିଥିଲେ।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୬୫ ହଜାର ଲୁଟ୍

**ବୈଶିଙ୍ଗା,୩୧।୧(ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଗଡ଼ଗଡ଼ିଆ ଛକ ନିକଟରେ ଏକ ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ସ୍ପଷ୍ଟ ଦିବାଲୋକରେ ୬୫ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବେତନଟୀସ୍ଥିତ ବନ୍ଧନ ଫାଇନାନ୍ସ ଶାଖା କାର୍ଯ୍ୟାଳୟରେ ରିଲେସନସିପ୍ ଅଫିସର ଭାବେ କାର୍ଯ୍ୟରତ ନିବେଦିତା ଚାନ୍ଦ ବାଲକା ଓ ଯୁଗପୁରା ଅଞ୍ଚଳର ବିଭିନ୍ନ ଗ୍ରୁପରୁ ସଂଗୃହୀତ ରାଶି ୬୫ହଜାର ଟଙ୍କା ଧରି ସ୍କୁଟି ଯୋଗେ ବେତନଟୀ ଶାଖା କାର୍ଯ୍ୟାଳୟକୁ ଯାଉଥିଲେ। ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ କଳା ରଙ୍ଗର ବାଇକ୍ ଯୋଗେ ୩ ଯୁବକ ତାଙ୍କୁ ପିଛା କରି ୧୮ନଂ. ଜାତୀୟ ରାଜପଥର ଗଡ଼ଗଡିଆ ଛକ ପୂର୍ବରୁ ନିଛାଟିଆ ସ୍ଥାନରେ ଅଟକାଇବା ସହ ତାଙ୍କ ନିକଟରେ ଥିବା ଟଙ୍କା ଛଡ଼ାଇ ନେଇ ବେତନଟୀ ରାସ୍ତାରେ ଫେରାର ହୋଇଯାଇଥିଲେ । ଖବରପାଇ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଛାନଭିନ୍ନ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନାହିଁ।

## କେନ୍ଦୁଝର

#### ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ, ୬ ଗିରଫ

ଯୋଡ଼ା,୩୧।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ବନ୍ଧୁଆବେଡ଼ା ବାଲି ଘାଟରୁ ଚୋରାରେ ବାଲିଚାଲାଣ ବେଳେ ପୋଲିସ ଚଢ଼ାଉ କରି ୩ ଟି ଟ୍ରାକ୍ଟର ଜବତ କରିଛି। ଚୋରା କାରବାରରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝୁମ୍ପୁରା ଥାନା ବାରଖଣ୍ଡିଆ ଅଞ୍ଚଳର ଟ୍ରାକ୍ଟର ମାଲିକ ଘାସିନାଥ ଗିରି, ପ୍ରଶାନ୍ତ ଗିରି, ରୁପେଶ୍ୱର ପ୍ରଧାନ ଏବଂ ଡ୍ରାଇଭର ମଙ୍ଗୁଲୁ ବେଷ୍ଟକାର, କ୍ରିଷ୍ଣା ବେଷ୍ଟକାର, ଜଗନ୍ନାଥ ବେଷ୍ଟକାର। ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର୍ ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ବନ୍ଧୁଆବେଡ଼ା ବାଲିଘାଟରୁ ୩ଟି ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିବା ବେଳେ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଟ୍ରାକ୍ଟର (ନଂ. ଓଡ଼ି ୦୯ ଏନ୍ ୦୪୦୯, ଓଡ଼ି ୦୯ ଜି ୩୧୪୨ ଓ ଓଡ଼ି ୦୯ ଏ ୭୪୧୩)ର କାଗଜପତ୍ର ଠିକ୍ ନଥିବାରୁ ପୋଲିସ ଜବତ କରିବା ସହିତ ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ୩ ପୃଥକ ମାମଲା (ନଂ ୬୨, ୬୩ ଓ ୬୪/୨୪) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବାମେବାରି ଥାନା ଅଧିକାରୀ ଦିପ୍ତିରଞ୍ଜନ ସାହୁ କହିଛନ୍ତି।

#### ୪ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଖାଇଦେଲେ ହାତୀ

ପାଟଣା,୩୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ଥରେ ୧୭ ଟିକିଆ ବଣୁଆ ହାତୀପଲ ଲେଉଟିଛନ୍ତି। ହାତୀପଲ ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜରୁ ଆସି ସାହାରପଡ଼ା ସେକ୍ସନରେ ପ୍ରବେଶ କରିଛନ୍ତି। ହାତୀପଲ ରାତିରେ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥ୍ ବିଟ୍ ଅସନବଣି ପ୍ରାଥମିକ ବିଦ୍ୟାଳୟର ଷ୍ଟୋର ରୁମ୍ କବାଟ ଭାଙ୍ଗି ୪ ବସ୍ତା(୯୬କି. ଗ୍ରା.) ମଧ୍ୟାହ୍ନଭୋଜନ ଚାଉଳ ଖାଇ ଯାଇଛନ୍ତି। ସେହିଭଳି ଏହି ବିଟ୍ ହରିଡ଼ାଗୋଠ ଗ୍ରାମର ମଧୁ ମୁଣ୍ଡାଙ୍କ ଖପର ଘର ଭାଙ୍ଗି ଦେଇଛନ୍ତି। ପଲରେ ୪ ଦନ୍ତା, ୭ ମାଈ, ୬ ଛୁଆ ହାତୀ ରହିଛନ୍ତି। ବୁଧବାର ସନ୍ଧ୍ୟାରେ ବିରଳ ନଦୀ କୂଳ କଟାବେଡ଼ା ନିକଟରେ ହାତୀପଲ ଡେରା ପକାଇଥିବା ଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି।

# ଅନୁଦାନରେ ନିର୍ମିତ କାର୍ଯ୍ୟର ସମୀକ୍ଷା

### ମାଧପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କଲା ବିଶ୍ୱବ୍ୟାଙ୍କ ଟିମ୍

ପାଟଣା,୩୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଅନ୍ତର୍ଗତ ମାଧପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ବିଶ୍ୱ ବ୍ୟାଙ୍କର ୩ ଜଣିଆ ଟିମ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ଟିମ୍‌ରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କେନ୍ଦ୍ରୀୟ ମଣ୍ଡଳର ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ବିଶ୍ୱ ବ୍ୟାଙ୍କର ସୈବିକ ମିତ୍ର, ମିଷ୍ଟର ଭେଙ୍କଟେଶ ଓ ହିତେଶ କୁମାର ପ୍ରମୁଖ ସାମିଲ ଥିଲେ।



ପ୍ରକାଶ ଯେ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ପାଇଁ ବିଶ୍ୱ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୦-୨୧ ରେ ଓଆଇଆଇପିସିଆରଏ (ଓଡ଼ିଶା ଇଣ୍ଟିଗ୍ରେଟେଡ୍ ଇରିଗେସନ ପ୍ରୋଜେକ୍ଟ ଫର୍ କ୍ଲାଇମେଟ୍ ରେସିଲିଏଣ୍ଟ ଏଗ୍ରିକଲଚର) ମାଧ୍ୟମରେ ୨ କୋଟି ୫ ଲକ୍ଷ ଟଙ୍କା ବିନିଯୋଗ କରିଥିଲା। ଟିମ୍ ଏହି ଅବସରରେ ମାଧପୁର ଗ୍ରାମ ପଡ଼ିଆରେ ଅନୁଷ୍ଠିତି ସମୀକ୍ଷା କରି ଡ୍ୟାମରେ ବିନିଯୋଗ ଅର୍ଥରେ କାର୍ଯ୍ୟ ପରେ ଜଳ ଧାରଣ କ୍ଷମତା, ଖରିଫ ଓ ରବି ଋତୁରେ କେତେ ହେକ୍ଟର ଜମିକୁ ଜଳ ମାଡୁଛି ସେ ସମ୍ପର୍କରେ ପାଣି ପଞ୍ଚାୟତ ଓ କୃଷକଙ୍କୁ ପଚାରି ବୁଝିଥିଲେ। କେତେକ ଅଞ୍ଚଳକୁ ଜଳସେଚନ ହେଉ ନ ଥିବା, ଡ୍ୟାମ୍‌ରେ ଲିକେଜ ଥିବା, କେନାଲ ଭାଙ୍ଗି ଯିବା ଓ ପଙ୍କ ଉଦ୍ଧାର ହେଉ ନ ଥିବା ଚାଷୀ ଅଭିଯୋଗ କରିଥିଲେ। ବୈଠକରେ ବଡ଼ ପାଟଣା ସରପଞ୍ଚ ବିନତୀ ବାନରା, ମାଇନର ଇରିଗେସନର ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ସାହୁ, ଏସ୍‌ଡିଓ ନେପାଳ ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ମିହିର ସାହୁ, ଉପ ମୁଖ୍ୟ ଜିଲା ମତ୍ସ୍ୟ ଅଧିକାରୀ ବନଲତା ରାଉତ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ନାରାୟଣ ପାଣିଗ୍ରାହୀ, ବ୍ଲକ୍ ଅତିରିକ୍ତ କୃଷି ଅଧିକାରୀ ବର୍ଷା ବୈଶାଳୀ, ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ସଞ୍ଜୟ ନାଏକ, ଉଦ୍ୟାନ କୃଷି ଅଧିକାରୀ ତପନ ସେଠୀଙ୍କ ସମେତ ପାଣି ପଞ୍ଚାୟତ ସଭାପତି ରାଜବଲ୍ଲଭ ମିଶ୍ରଙ୍କ ଶହ ଶତାଧିକ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ।

# ଏକାଠି ଜଳିଲା ଜେଜେ, ନାତିଙ୍କ ଜୁଇ

ପାଟଣା,୩୧।୧(ବୀର କିଶୋର ଦାଶ)

### ଜେଜେଙ୍କୁ ଦେଖିବାକୁ ଆସିବା ସମୟରେ ଦୁର୍ଘଟଣାରେ ଚାଲିଗଲା ଜୀବନ

ଅସୁସ୍ଥ ଜେଜେ ଓ ଜେଜେ ମା’ଙ୍କୁ ଦେଖିବାକୁ ଆସୁଥିବା ବେଳେ ବାଟରେ ଦୁର୍ଘଟଣାର ଶିକାର ହେଲେ। ଏପଟେ ଦୁର୍ଘଟଣାରେ ନାତିଙ୍କ ମୃତ୍ୟୁ ଖବର ଶୁଣି ରୋଗଗ୍ରସ୍ତ ଜେଜେଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏଭଳି ଦୁଃଖଦ ହୃଦୟ ବିଦାରକ ଘଟଣା କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ତେଣ୍ଡରା ପଞ୍ଚାୟତ ଖିଲାରିପାଟ ନୂଆଗାଁରେ ଘଟିଛି। ଆଗ ପଛ ହୋଇ ଗାଁ ଶ୍ମଶାନରେ ବୁଧବାର ଜେଜେ ଓ ନାତିଙ୍କ ଜୁଇ ଏକାଠି ଜଳିଛି।

ସୂଚନା ଅନୁଯାୟୀ, ଗ୍ରାମର ରାଧୁ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା ଦେହୁରୀ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିଲେ। ଜେଜେବାପା ଓ ଜେଜେ ମା’ଙ୍କୁ ଦେଖିବା ପାଇଁ ଯୋଡ଼ାରେ ରହି କାମ କରୁଥିବା ୨ ନାତି ମଙ୍ଗଳବାର ରାତିରେ ବାଇକ୍ ଯୋଗେ ଫେରୁଥିଲେ। ବାରିଆ ଥାନା ଭଣ୍ଡା ନିକଟରେ ତାଙ୍କ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ ସାନ ନାତି ରଞ୍ଜନ ଦେହୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ବଡ଼ ବିଜୟ ଦେହୁରୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାତି ରଞ୍ଜନଙ୍କ ଶବ ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିବାର କିଛି ଘଣ୍ଟା ପରେ ମୃତ୍ୟୁ ଖବର ଶୁଣି ଅସୁସ୍ଥ ଜେଜେଙ୍କ ବୁଧବାର ସକାଳୁ ମୃତ୍ୟୁ ଘଟିଥିଲା। ପରିବାର ଓ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଗାଁ ଶ୍ମଶାନରେ ଗୋଟିଏ ଦିନରେ ଉଭୟ ନାତି ଓ ଜେଜେ ବାପାଙ୍କ ଜୁଇ ଜଳିଥିଲା।

# ନୂତନ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



କେନ୍ଦୁଝର,୩୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ନୂତନ ଜିଲାପାଳ ଭାବେ ଯୁବ ଆଇଏଏସ ଅଧିକାରୀ ବିଶାଲ ସିଂହ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କଠାରୁ ସେ ଦାୟିତ୍ୱ ନେଇଛନ୍ତି। ସେ ୨୦୧୬ ବ୍ୟାଚ୍‌ର ଆଇଏଏସ ଅଫିସର ହୋଇଥିବା ବେଳେ ମାଲକାନଗିରି ଜିଲାପାଳ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଜିଲାର ସାମଗ୍ରିକ ବିକାଶ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା ପ୍ରତି ଅଗ୍ରାଧିକାର ଏବଂ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଗ୍ରାଧିକାର ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦାୟିତ୍ୱ ନେବା ପରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଚମ୍ପୁଆ,୩୧।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟଠାରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗଦେଇ ମହିଳାମାନେ କିପରି ନିଜର ସୁରକ୍ଷା ନିଜେ କରିପାରିବେ ଏବଂ ନିଜେ ଆତ୍ମ ନିର୍ଭରଶୀଳ ହେବେ ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅନିତା ଜେନା ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ। ସାଗରିକା ବେହେରା ଓ ତୁଳସୀ ମୁଣ୍ଡା ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିବା ବେଳେ ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ‘କେନ୍ଦୁଝରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ’




ମଞ୍ଚରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୩୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଓଡ଼ିଶା ସରକାରଙ୍କ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶବ୍ଦତୀର୍ଥ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନଧରି ଚାଲିଥିବା କାର୍ଯ୍ୟକ୍ରମରେ ଆନ୍ତ ମହାବିଦ୍ୟାଳୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ସ୍ମୃତି ଫଳକ ଓ ମାନପତ୍ର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଯୋଗଦେଇ ଅନଗ୍ରସର ମଣିଷ ପାଇଁ ଆଜୀବନ ସେବା କରିବେ। ଏଥିସହ କେନ୍ଦୁଝରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଯୋଗଦେଇ ମାତୃଭାଷା ବିନା କେଉଁ ଜାତି ଆଗକୁ ବଢ଼ି ପାରେ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସ୍ନାତକୋତର ପରିଷଦ ପ୍ରଫେସର ସୂର୍ଯ୍ୟବ୍ରତ ମିଶ୍ର ଶବ୍ଦତୀର୍ଥରୁ ଅନେକ ଶିକ୍ଷା ଓ ପ୍ରେରଣା ମିଳିଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଆ ଗଳ୍ପଧାରା ଓ ଜନଜାତି ସଂସ୍କୃତି ଶୀର୍ଷକ ଗଳ୍ପ ପରିଚର୍ଚ୍ଚାରେ ଡଃ ସୁମନ୍ତ୍ର ନାଏକ ସଭାପତିତ୍ୱ କରିଥିବା ବେଳେ ଅତିଥି ଆଲୋଚକ ଭାବେ ଓଡ଼ିଆ ଗାଳ୍ପିକ ଆଶିଷ ଗଡ଼ନାୟକ ଓ କଥାକାର ଡଃ ଅନୀଲ କୁମାର ଦାସ ଯୋଗଦେଇଥିଲେ। ସଂସ୍କୃତ ଅଧ୍ୟାପିକା ଅରୁନ୍ଧତୀ ଓଝା ସଂଚାଳନ କରିଥିଲେ। ଓଡ଼ିଶାର ଲୋକନୃତ୍ୟ ଓ କେନ୍ଦୁଝରର ସ୍ୱତନ୍ତ୍ରତା ପ୍ରସଙ୍ଗ ଉପରେ ଅତିଥି ଆଲୋଚକ ଭାବେ ଡ. ହରିଶ ଚନ୍ଦ୍ର ବାରିକ, ଜନଜାତି ଗବେଷକ ଡ. ନିଳାଦ୍ରୀ ବିହାରୀ ମିଶ୍ର ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ଶୁଭସ୍ମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରାତିସାରା ଷ୍ଟିୟରିଂରେ ଚାପି ହୋଇ ରହିଲେ ଡ୍ରାଇଭର

### ଟ୍ରକ୍‌କୁ ପଛରୁ ପିଟିଲା ହାଇୱା

ଘଟଗାଁ,୩୧।୧(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବାଇପାସ୍ ଛକରେ ମଙ୍ଗଳବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଜଣେ ଡ୍ରାଇଭର ରାତିସାରା ଷ୍ଟିୟରିଂରେ ଚାପି ହୋଇ ରହିଥିଲେ। ଗୁରୁତର ଚାଳକ ହେଲେ ଆନନ୍ଦପୁର ସବ୍‌ଡିଭିଜନ ଶାଳବଣୀ ଗ୍ରାମର ହାଇୱା ଡ୍ରାଇଭର ତଥା ଗାଡ଼ିର ମାଲିକ ଦାଶରଥୀ ନନ୍ଦ।

ସୂଚନା ମୁତାବକ, ବିଳମ୍ବିତ ରାତିରେ ଘଟଗାଁ ବାଇପାସ ଛକ ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ପଛରୁ ହାଇୱା ଧକ୍କା ଦେଇଥିଲା। ହାଇୱା ଚଳାଉଥିବା ଦାଶରଥୀ ଷ୍ଟିୟରିଂ ସହ ଚାପି ହୋଇ ରାତିସାରା ରହିଥିଲେ। ଘଟଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ୟାସ କଟର ସହାୟତାରେ କ୍ୟାବିନ କାଟି ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ଘଟଗାଁ ଡାକ୍ତରଖାନାରେ ବୁଧବାର ସକାଳୁ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

**ଛେଳି ଚୋରି କରୁଥିବା ଯୁବକଙ୍କଠାରୁ ବ୍ରାଉନସୁଗାର, ଗଞ୍ଜେଇ ଜବତ**

ଜଳେଶ୍ୱର,(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ଆମ୍ବଲିଅଠା ପେଟ୍ରୋଲ ପମ୍ପ ନିକଟରେ ପ୍ରଶାନ୍ତ ସ୍ୱାଇଁଙ୍କ ଛେଳିଗୁଡିକ ରାସ୍ତା ପାଖରେ ଚରୁଥିବା ବେଳେ ପଶ୍ଚିମବଙ୍ଗର ୨ ଯୁବକ ତାକୁ ଧରି ବାଇକ୍‌ରେ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଜଣେ ଯୁବକ ଧରାପଡିଛନ୍ତି। ତାଙ୍କଠାରୁ ବ୍ରାଉନସୁଗାର ଓ ଗଞ୍ଜେଇ ଜବତ ହୋଇଛି। ଲୋକଙ୍କ ହାତରେ ଧରାପଡିଥିବା ଯୁବକ ହେଲେ ସେକ୍ ସିନାପାଲି (୨୩)। ସେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା ମହନପୁର ଥାନା ଅଧୀନ ଚକଗାଁର ସେକ୍ ହାସିମ୍‌ଙ୍କ ପୁଅ ବୋଲି ଜଣାପଡିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକ୍ସପୋ ଓଡ଼ିଶା ୨୦୨୪ର ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ଭୋଗରାଇ**

- ବନ୍ଧୁ ମିଳନ ଓ ଗରିବଙ୍କୁ ଶୀତବସ୍ତ୍ର ପ୍ରଦାନ, ସ୍ଥାନ: ସରସ୍ୱତୀପୁର ପଡ଼ିଆ, ସମୟ- ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଫୁଟବଲ ଖେଳାଳି ମୃତ

ରାଇରଙ୍ଗପୁର,୩୧।୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ସିକ୍‌ଦିଠାରେ ମଙ୍ଗଳବାର ରାତି ୮ଟାରେ ଦୁର୍ଘଟଣାରେ ୨ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ତିରିଂ ଥାନା ଗୀତିଲତା ଗ୍ରାମର ରାମ ସୋରେନ(୨୭) ଓ ଭୀମ ସୋରେନ(୨୫)। ଗୁରୁତର ଦାମୋଦର ହାଁସଦା(୨୮)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୯/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଫୁଲବଲ ଖେଳସାରି ୩ଜଣ ବାଇକ୍‌ରେ ଫେରୁଥିବା ବେଳେ ଏକ ମାରୁତି କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ପୋଲିସ କାର୍‌ଚାଳକଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଛି।

### ୪ ଗୋରୁ ବୋଝେଇ ଗାଡ଼ି ଜବତ

କଣ୍ଟିପାଳ,୩୧।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଧୀନ ଫକୀରପୁର ସାପ୍ତାହିକ ଗୋରୁ ହାଟରେ ଚଢ଼ାଉ କରି ପୋଲିସ ୪ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଗାଡିରୁ ୨୧ ଗୋରୁ ଉଦ୍ଧାର କରାଯାଇଛି। ଆନନ୍ଦପୁର ଥାନା ଏଏସ୍‌ଆଇ ଅଜିତ କୁମାର ବାନରାଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଫକୀରପୁର, ଶାଳବଣି, ମୋଚିନ୍ଦା ଆଦି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବେଆଇନ ଭାବେ ଗୋରୁଚାଲାଣ ଖବର ପାଇ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଗୋରୁ ଲୋଡ୍ ହେଉଥିବା ୪ ଗାଡ଼ି (ନଂ. ଓଡି ୦୧ ଏମ-୫୪୬୪, ଓଡି ୦୫ ଏଜେ-୮୨୪୩, ଓଡି ୦୨ଏଏ-୮୦୭୯, ଓଡି ୨୨କେ-୯୪୭୬ମ) ଛାଡ଼ି ଗୋରୁ ବ୍ୟବସାୟୀ ଓ ଡ୍ରାଇଭରମାନେ ଫେରାର ହୋଇଯାଇଥିଲେ। ଅଭିଯୋଗ ଆଧାରରେ ଆନନ୍ଦପୁର ଥାନାରେ ଏକ ମାମଲା(ନଂ. ୭୭/୨୪) ରୁଜୁ ହୋଇଛି। ପୋଲିସ ପକ୍ଷରୁ ଉଦ୍ଧାର ୨୧ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି।

# 'ଆମ ପରିଚୟ ଆମ ଭାଷା ହେବା ଆବଶ୍ୟକ'

## ଏଫଏମ୍ ବିଶ୍ୱବିଦ୍ୟାଳୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ମହାକୁମ୍ଭ

ବାଲେଶ୍ୱର, ୩୧।୧(ମାନସ ବିଶ୍ୱାଳ)




ସମ୍ମିଳନୀରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପ୍ରଯୋଜିତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ତିନିଦିନିଆ ଏହି ଆଲୋଚନାଚକ୍ରରେ କୁଳପତି ତ୍ରିପାଠୀ ଅଂଶଗ୍ରହଣ କରିଥିବା ସମସ୍ତ କବି, ସାହିତ୍ୟିକ, ଗାଳ୍ପିକ ଓ ଲେଖକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ପୁନରୁଦ୍ଧାର ଲାଗି ମହାପୁରୁଷଙ୍କ ପ୍ରୟାସ ଯେପରି ବ୍ୟର୍ଥ ନ ଯାଏ ତାହା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ୍ । ସର୍ବୋପରି ଆମ ପରିଚୟ ଆମ ଭାଷା ହେବା ଆବଶ୍ୟକ। ସମୃଦ୍ଧ ଓଡ଼ିଆ ଭାଷାକୁ ଉଚ୍ଚସ୍ତରରେ ରଖିବା, ଏହାକୁ ଆନ୍ତରିକତାର ସହ ଆପଣାଇବାକୁ ଯୁବବର୍ଗଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ, ସ୍ନାତକ ପରିଷଦ ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଦେବାଶିଷ ପାତ୍ର ଓ ସହ ସଂଯୋଜକ ଡ. ଅସୀମ ଅମିତାଭ ପ୍ରଧାନ ଉପସ୍ଥିତ ଥିଲେ।

ଏହି ଅବସରରେ ଏକ ଚିତ୍ରକଳା ପ୍ରଶିକ୍ଷଣ ଶିବିର ଓ ପ୍ରଦର୍ଶନୀ 'ଅସ୍ମିତା' ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବହୁ ସୁନାମଧନ୍ୟ ଚିତ୍ରକର ଯୋଗଦେଇଛନ୍ତି। ପ୍ରଥମ ଦିନର ଆଲୋଚନାଚକ୍ରରେ ଆଦିବାସୀ ସଂସ୍କୃତି ଓ ସାହିତ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ବିଶ୍ୱ ଦୃଷ୍ଟିରେ ଓଡ଼ିଆ ନାମକ ତିନୋଟି ପ୍ରସଙ୍ଗରେ ଆଲୋକପାତ କରାଯାଇଥିଲା। ଏଥିରେ ଆଲୋଚକ ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ପରମାନନ୍ଦ ପଟେଲ, ଡ. ରାଜେନ୍ଦ୍ର ପାଢୀ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ନାରାୟଣ ସାହୁ, ଅସିତ୍ ମହାନ୍ତି, ପ୍ରଫେସର ସୁବାସ ଚନ୍ଦ୍ର ଦାଶ ପ୍ରମୁଖଙ୍କ ସହ ଧୀରେନ୍ଦ୍ର କର(ଆମେରିକା), ପ୍ରଫେସର ସଦାନନ୍ଦ ଦାସ(ଜର୍ମାନୀ), ପ୍ରଶାନ୍ତ କୁମାର ଭୂୟାଁ (କାନାଡା), ଡ. ଶୀତଳ କୁମାର ପାଳବାବୁ (ମିଆଁମାର, ବ୍ରହ୍ମଦେଶ) ଓ ଡ. ପ୍ରଭାତୀ ପାଣିଗ୍ରାହୀ (ଅଷ୍ଟ୍ରେଲିଆ) ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ସମ୍ମିଳନୀର ପ୍ରମୁଖ ଆକର୍ଷଣ ଭାବେ ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଓ ଦଶାବତାର ରୂପ ପ୍ରଦର୍ଶନ ହୋଇଛି। ଶ୍ରୀଜଗନ୍ନାଥଧାମ ପୁରୀରୁ ଆସିଥିବା ଭୋଗ ତଥା ପାରମ୍ପରିକ ମିଠା ଓ ପିଠାର ସମ୍ଭାର ଦର୍ଶକମାନଙ୍କ ପାଇଁ ଆନନ୍ଦର କେନ୍ଦ୍ରବିନ୍ଦୁ ହେଇଛି। କାର୍ଯ୍ୟକ୍ରମକୁ ପ୍ରଫେସର ଡ. ଦେବାଶିଷ ପାତ୍ର ଓ ଡ. ଜିନା ପ୍ରିୟଙ୍କା ସଞ୍ଚାଳନ କରିଥିବା ବେଳେ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

## ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୩୧।୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଶୁଣାଣିକରି ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ଭଣ୍ଡା ହାଇସ୍କୁଲ ହଷ୍ଟେଲରେ ରହି ୧୦ମ ଶ୍ରେଣୀରେ ପଢୁଥିଲେ। ଟେଷ୍ଟ ପରୀକ୍ଷା ସରିବା ପରେ ଘରକୁ ଆସିଥିବା ସମୟରେ ୯ ଜାନୁଆରୀ ୨୦୧୯ ରାତିରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ନାବାଳିକାଙ୍କ ବାପା ସଦର ଥାନାରେ ନିଖୋଜ ମାମଲା ରୁଜୁ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ପୋକ୍ସୋ ମାମଲା(ନଂ. ୨୪/୧୯) ରୁଜୁକରି ପୀଡ଼ିତାକୁ ଚମ୍ପୁଆ ଥାନା ଅନ୍ତର୍ଗତ କାଞ୍ଚିଆଶୁଳା ଗ୍ରାମର ପ୍ରକାଶ ଚନ୍ଦ୍ର ନାଏକ(୩୪)ଙ୍କ ଗ୍ରାମରୁ ଉଦ୍ଧାରକରି ବୟାନ ରେକର୍ଡ କରିଥିଲା। ଅଭିଯୁକ୍ତ ତାଙ୍କୁ ଅପହରଣକରି ୭ ଦିନ ଧରି ବଳାତ୍କାର କରିଥିବା ବୟାନରେ କହିଥିଲେ। ୩୧ଜାନୁଆରୀରେ ୨୦୧୯ ରେ ସଦର ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ଦଣ୍ଡ ଶୁଣାଇଥିବା ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ପୋଖରୀରୁ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ଜବତ

ତିହିଡ଼ି,୩୧।୧(ସଙ୍ଗୀତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ମହାଦେବସାହି ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ବୁଧବାର ସକାଳେ ଏକ ପୋଖରୀରୁ ଜବତ ହୋଇଛି। ମୃତକ ହେଲେ କମଳାକାନ୍ତ ଜେନା (୩୯)। ମଙ୍ଗଳବାର ଅପରାହ୍ନରେ ସେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ସନ୍ଧାନ ପାଇ ନ ଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଧାମନଗର,୩୧।୧(ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବୁଧବାର ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିପଦା ପଞ୍ଚାୟତସ୍ଥିତ କାଞ୍ଚିଆପାଳ ରାସ୍ତା, ଧୁଷୁରୀ-ନଦୀଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତା, ଫତେପୁର ପଞ୍ଚାୟତର ଧର୍ମାଗତପୁର ଏବଂ ନେଞ୍ଚିରା ରାସ୍ତା ସମେତ କଟସାହି ପଞ୍ଚାୟତର ବେଲମା ଛକ ନିକଟରେ ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଏବଂ ବାଙ୍କସାହିଠାରେ ଗେଙ୍ଗୁଟି ନଦୀରେ ଏକ ପକ୍କା ପୋଲର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ଅଜୟ ବଳ, ଅରବିନ୍ଦ ପତି, ରାମଚନ୍ଦ୍ର ମିଶ୍ର, ବୈକୁଣ୍ଠ ସାହୁ, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ପ୍ରମୋଦ ଦାସ, ସରପଞ୍ଚ ସସ୍ମିତା ଘଡ଼େଇ, ମହେଶ୍ୱତା ମହାଲିକ, ଅନ୍ତର୍ଯ୍ୟାମୀ ପତି, ରଞ୍ଜନ ପଣ୍ଡା, ସରୋଜ ସ୍ୱାଇଁ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରଶାନ୍ତ ସାହୁ, ବୁଦ୍ଧଦେବ ଜେନା, ଦେବାଶିଷ ନାୟକ, ରଜତ ଲେଙ୍କା, ହୃଷୀକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆକ୍ରମଣରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

## ପାରିବାରିକ କଳହ

ରୂପସା(ବାଞ୍ଛାନିଧି ଦେ)/ବାଲିଆପାଳ (ଅମୂଲ୍ୟ କୁମାର ଦାସ), ୩୧।୧

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କାଦରାୟାଁ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ମୃତ୍ୟୁର କାରଣ ହୋଇଛି। ଦୁହେଁ ଦୁହିଁଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି।

କାଦରାୟାଁ ଗ୍ରାମର ସେକ୍ କସିମୁଦ୍ଦିନ ପଥର୍ଦୁର୍ଗା ଗ୍ରାମର ୱାସେମୁନ ବିବିଙ୍କୁ ବିବାହ କରିଥିଲେ। ସେମାନଙ୍କର ୪ ବର୍ଷର ଶିଶୁପୁତ୍ର ଓ ଜଣେ ଦେଢ଼ବର୍ଷର ଶିଶୁକନ୍ୟା ଅଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଲାଗି ରହିଥିଲା। ଉଭୟ ଗ୍ରାମର ଭଦ୍ରବ୍ୟକ୍ତି ବାରମ୍ବାର ଆପୋଷ ସମାଧାନ କରିଆସୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ଧାରଣ କରିଥିଲା। ଉଭୟେ ଉଭୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ଦୁହେଁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ସ୍ତ୍ରୀ ୱାସେମୁନଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁତର କସିମୁଦ୍ଦିନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ପୋଲିସ ହେପାଜତରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏନେଇ ୱାସେମୁନଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାଙ୍କ ବାପଘର ଲୋକେ ସିଂଲା ଥାନା ଘେରାଉ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

**PARADIP PORT AUTHORITY**
**e-TENDER CALL NOTICE**
No.-EM/WSD-II/Sweeping Machine/02/2023/ Date: 29.01.2024
e-TCN No. EM/WS- /2024
Name of the work "Hiring of 01 no. of Truck Mounted Conveyorised Mechanical Road Sweeping Machine for a period of (03+02)years". Estimated cost: Rs.6,61,00,020/- excluding GST and cost of Diesel. Last date & time of submission of bid: dt. 19.02.2024 up to 18:00 Hrs.
Refer our website for details https://eprocure.gov.in/eprocure/app.
Sd/- Executive Engineer (M)
Workshop Division-II
Paradip Port Authority
PPA/PR/81/2023-2024 dtd.31.01.2024

# 'ସାହିତ୍ୟ ହେଉଛି ବିଜ୍ଞାନର ବ୍ୟାକରଣ'

## 'ଅକ୍ଷୟ ଅକ୍ଷର' ଓ 'ନୈତିକତାର ନୈବେଦ୍ୟ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୩୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ସୁସ୍ଥ ଓ ସମୃଦ୍ଧ ଭୂଖଣ୍ଡଟିଏ ପାଇଁ ବିଜ୍ଞାନ ଯେମିତି ଗୁରୁତ୍ୱପୂର୍ଣ୍ଣ, ସେମିତି ସାହିତ୍ୟ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ସିନା ନୂଆ ନୂଆ ସାମଗ୍ରୀ ଉଦ୍ଭାବନ କରିଥାଏ, ସାହିତ୍ୟ କିନ୍ତୁ ସେଗୁଡ଼ିକର ଠିକ ଉପଯୋଗ ପାଇଁ ବାଟ ବତେଇଥାଏ। ତେଣୁ ସାହିତ୍ୟ ହେଉଛି ବିଜ୍ଞାନର ବ୍ୟାକରଣ। ରବିବାର ସ୍ରଷ୍ଟାକାର ଉପେନ୍ଦ୍ର ବିଶ୍ୱାଳଙ୍କ 'ଅକ୍ଷୟ ଅକ୍ଷର' ଓ 'ନୈତିକତାର ନୈବେଦ୍ୟ' ପୁସ୍ତକ ଦୁଇଟିର ଲୋକାର୍ପଣ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଭୁବନେଶ୍ୱରସ୍ଥ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ପ୍ରାବନ୍ଧିକ ଜଗବନ୍ଧୁ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାସ୍ୟକବି ତଥା ବ୍ୟଙ୍ଗକାର ରାଧୁ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଶାସକ (ନାଇଜର) ଅଭୟ ନାୟକ ଏବଂ ସୁପ୍ରବାଚକ ବାବାଜୀ ସନତ ସୁଜାତାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ପ୍ରମିଳା ସାହୁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ କବି ଅକ୍ଷୟ ସାହୁ ପରିଚୟ ପ୍ରଦାନ କରିଥିଲେ। ପୁସ୍ତକର ଲେଖକ ବିଶ୍ୱାଳ ଦୁଇଟି ଶବ୍ଦରେ ନିଜ କଥା ରଖିଥିଲାବେଳେ 'ଉମାବୁକ୍ସ'ର ପ୍ରକାଶିକା ଶକୁନ୍ତଳା ଘଡେଇ ପ୍ରକାଶକୀୟ ଅଭିମତ ରଖିଥିଲେ। ପ୍ରାଧ୍ୟାପକ ଉମାକାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**
**ଇ-ନିଲାମ ବିଜ୍ଞପ୍ତି**
ସଂ. : SDCM/KUR/E-Auction/ Press Clippings/2023-24, ତା.29.01.2024ରିଖ
1. ସମ୍ପତ୍ତିର ବିବରଣୀ : ଭଦ୍ରକ, କଟକ, ବ୍ରହ୍ମପୁର ଏବଂ ପଲାସା ଷ୍ଟେସନରେ ଏଟିଏମ୍ (ATM)ର ଯୋଗାଣ ଏବଂ ସଂଚାଳନ।
2. ସମ୍ପତ୍ତିର ବିବରଣୀ : ଭୁବନେଶ୍ୱରରେ 01ଟି ବ୍ୟାଟେରୀ ଚାଳିତ କାର, ବ୍ରହ୍ମପୁରରେ 01ଟି ବ୍ୟାଟେରୀ ଚାଳିତ କାର ଏବଂ ପୁରୀ ଷ୍ଟେସନରେ 02ଟି ବ୍ୟାଟେରୀ ଚାଳିତ କାରର ସଂଚାଳନ ଏବଂ ରକ୍ଷଣାବେକ୍ଷଣ।
3. ସମ୍ପତ୍ତିର ବିବରଣୀ : ପାରାଦୀପ ୟାର୍ଡରେ ଖାଲିଥିବା BOBRN ୱାଗନରେ ଛାଡ଼ି ଯାଇଥିବା ସାମଗ୍ରୀର ଅପସାରଣ କରିବା ଓ ୱାଗନକୁ ପରିଷ୍କାର କରିବା।
ନିଲାମ ଆରମ୍ଭ ତାରିଖ ଓ ସମୟ :
ତା.08.02.2024ରିଖ 1200 ଘଣ୍ଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1100 ଘଣ୍ଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1100 ଘଣ୍ଟିକା (କ୍ର.ସଂ. 3 ପାଇଁ)।
ନିଲାମ ଅନ୍ତିମ ତାରିଖ ଓ ସମୟ :
ତା.08.02.2024ରିଖ 1300 ଘଣ୍ଟିକା (କ୍ର.ସଂ. 1 ପାଇଁ),
ତା.08.02.2024ରିଖ 1150 ଘଣ୍ଟିକା (କ୍ର.ସଂ. 2 ପାଇଁ),
ତା.09.02.2024ରିଖ 1130 ଘଣ୍ଟିକା (କ୍ର.ସଂ. 3 ପାଇଁ)।
ଦ୍ରଷ୍ଟବ୍ୟ : ବିଡରଙ୍କ ସନ୍ଦର୍ଭ ପାଇଁ ଉକ୍ତ ଇ-ନିଲାମର ସମ୍ପତ୍ତି ଏବଂ କାର୍ଯ୍ୟସୂଚୀ ବିବରଣୀ www.ireps.gov.in ୱେବସାଇଟରେ ଅପଲୋଡ କରାଯାଇଅଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-1044/O/23-24

# ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଙ୍ଗିରିପୋଷି,୩୧।୧
(ସଞ୍ଜୟ କୁମାର ଅଗ୍ରୱାଲା)

ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସକମାନେ ୧୪ ଦିନ ହେଲା ଆନ୍ଦୋଳନ ଚଳାଇଥିବା ଯୋଗୁ ବାଙ୍ଗିରିପୋଷି ବ୍ଲକରେ ପ୍ରାଣୀ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେବାରେ ଲାଗିଛି। ପ୍ରାଣୀ ପାଳକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନ ଯୋଗୁ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇଯାଇଛି। ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବା ବେଳେ ବାଙ୍ଗିରିପୋଷି ଅଞ୍ଚଳର ଶତାଧିକ ଚାଷୀ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆସି ନାହିଁ ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରାଣୀ ପାଳକମାନେ ଦାବି କରିଛନ୍ତି।

# ଯୋଜନା ସମ୍ପର୍କରେ ବୁଝାଇଲେ ଅଧିକାରୀ, ଜନ ପ୍ରତିନିଧି



ସଚେତନତା ଶିବିରରେ ଯୋଗଦେଇଥିବା ସ୍ଥାନୀୟ ଲୋକେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଚମ୍ପୁଆ,୩୧।୧(ମହେଶ୍ୱର ଦାସ)

ଆମ ଓଡ଼ିଶା ନବୀନ ଓଡ଼ିଶା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରୟାସକୁ ଲୋକାଭିମୁଖୀ କରିବାକୁ ନେଇ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକ୍‌ର ରଜିଆ ଓ ପର୍ଶଲାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାବ ବଳ, ଜିଲା ପରିଷଦ ସଦସ୍ୟା ରମଣୀ ନାଏକ, ନୋଡାଲ ଅଫିସର ଦୁର୍ଗାଚରଣ ମାହାଲି, ପିଇଓ ହରିହର ଦାସ, ଜିଆରଏସ୍ ସଞ୍ଜୁ ଗିରି, ବ୍ଲକ୍ ସାମାଜିକ ମଙ୍ଗଳ ଅଧିକାରୀ ଶ୍ରାବଣୀ ଜେନା, ବ୍ଲକ୍ କୃଷି ଅଧିକାରୀ ନୀଳମାଧବ ଦାଶ, ବିଏଲସି ସୁବ୍ରତ ସାହୁ, ସ୍ଥାନୀୟ ସୁନାପଶି ସରପଞ୍ଚ ସଙ୍ଗୀତା ଚାତାର, କୋଦଗାଡ଼ିଆ ସରପଞ୍ଚ ମଞ୍ଜୁଲତା ନାଏକ, ଜାମୁଦଲକ ସରପଞ୍ଚ ଅଞ୍ଜନ ଅରାମ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ଚନ୍ଦ୍ରଶେଖରପୁର ସରପଞ୍ଚ ଜୟମଣୀ ନାଏକ, ସମେତ ସମସ୍ତ ପଞ୍ଚାୟତ ସମିତି ସଭ୍ୟ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଏଲ୍‌ଇଡି ମାଧ୍ୟମରେ ଯୋଜନା ଯଥା ସୁଗମ ପରିବହନ ବ୍ୟବସ୍ଥା, ଐତିହ୍ୟ ଭିତ୍ତିଭୂମିର ବିକାଶ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ମହିଳା ସଶକ୍ତିକରଣ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳ ଗୁଡ଼ିକର ରୂପାନ୍ତରୀକରଣ ଆଦି ଉପରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରଜିଆ ସରପଞ୍ଚ ସନ୍ତୋଷ ନାଏକ ପରିଚାଳନା କରିଥିଲେ।

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha
Advertisement No. 19/2023-24 Date of Insertion-24.01.2024
**वॉक–इन–इन्टरव्यू**
भा.कृ.अनु.प– सीफा के आंचलिक अनिसंधान केंद्र सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(One) यंग प्रोफेशनल-II (YP-II) पद की भर्ती हेतु दिनांक 02.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।
**WALK-IN INTERVIEW**
A Walk-in-Interview will be held on 02.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, (YP-II) purely on contractual basis to work under the "AICRP on Plastic Engineering in Agriculture Structures and Environment Management" project. For further details please visit to ICAR-CIFA website: http://www.cifa.nic.in.
मुख्य जाँचकर्ता / Principal Investigator

**GOVERNMENT OF ODISHA** No.A-1351
**e-Procurement Notice, Superintending Engineer, M.I. Division, Angul**
**Bid Identification No.-14 of 2023-24**
**e-mail ID- eemidivision_angul@yahoo.com**
Letter No. 206 Date: 29.01.2024

| | | |
|---|---|---|
| 1 | Number of works | 14 (Fourteen) numbers of Civil works |
| 2 | Approximate estimated cost | Varies from Rs.7.96 lakh to 4.69 lakh |
| 3 | Cost of tender paper | Rs.2000/- & Rs.4000/- (Non-refundable) |
| 4 | Period of completion | 03 (Three) calendar months |
| 5 | Date & time of availability of bid document in the portal | Dt.03.02.2024 at 10.00 A.M. to Dt.08.02.2024 upto 5.00 P.M. |
| 6 | Last date / time for receipt of bid in the portal | Dt.08.02.2024 upto 5.00 P.M. |
| 7 | Date of opening of bid documents | Dt.09.02.2024 at 11.00 A.M. |
| 8 | Date of lottery if required | Dt.13.02.2024 at 11.00 A.M. |
| 9 | Name and address of the office inviting bid | Superintending Engineer, Minor Irrigation Division, Angul, At/P.O.-Hakimpada, College Square, District- Angul, PIN-759143, Ph.No.: 06764-236522, Email ID: eemidivision_angul@yahoo.com |
| 10 | The bidders have to participate in ONLINE bidding only. | |

Further details can be seen from the e-procurement portal http://tendersorissa.gov.in
Sd./- Superintending Engineer, M.I. Division, Angul
OIPR-32284/11/0014/2324

**कार्यपालक अभियंता का कार्यालय, ग्रामीण विकास विशेष प्रमण्डल, जामताड़ा**
Email Id:rdsdjmt@gmail.com
अति–अल्पकालीन ई0–निविदा आमंत्रण संख्या– RDD/SD/JAMTARA/10/2023-24
1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के नारायनपुर प्रखण्ड में पंचायत–चंदाडीह लखनपुर में ग्राम–चिहुटिया से लखनपुर के बीच जोरिया पर पुल का निर्माण कार्य। | 2,88,45,500.00 | 5,77,000.00 | 10,000.00 | 18 माह |

2. वेबसाईट में निविदा प्रकाशन की तिथि :– दिनांक– 10.02.2024
3. ई0–निविदा प्राप्ति की तिथि एवं समय :– दिनांक– 10.02.2024 से दिनांक– 19.02.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :– दिनांक–21.02.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या :– 9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।
विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।
ह0/– कार्यपालक अभियंता
ग्रामीण विकास विशेष प्रमण्डल, जामताड़ा
PR 317456 Rural Development (23-24)_D

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
Behind Mini Stadium, AT/PO/PS/Dist.- Nuapada- 766105
Phone No.: 06678-223295, E-mail: dpcnuapadassa.opepa@nic.in
No. 259 /PED/2024 Dated 30.01.24
IV-4/24
**NOTICE INVITING TENDER (NIT)**
Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & commercial bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.1000/- | Rs.10000/- | 15.02.2024 by 5.00 P.M. | 16.02.2024 at 11.00 A.M. |

The detailed BID document is available in the website (www.nuapada.nic.in). Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By the order of Collector-cum-Chairperson
Sd./- DEO-cum-DPC, Samagra Shiksha, Nuapada

## ବାଲେଶ୍ୱର

### ସଂକ୍ଷେପରେ

## ନୀଳଗିରି ସାନକୁମାରଙ୍କ ରାଣୀ ରେଣୁକା ଦେବୀଙ୍କ ପରଲୋକ

**ନୀଳଗିରି, ୩୧।୧(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରିର ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ସାନପୁଅ ତଥା ସାନକୁମାର କିରଣେନ୍ଦ୍ର ମର୍ଦ୍ଦରାଜଙ୍କ ପତ୍ନୀ ରାଣୀ ରେଣୁକା ଦେବୀ(୬୭)ଙ୍କ ସୋମବାର ପରଲୋକ ହୋଇଛି। ସେ କିଛିଦିନ ଧରି ଶ୍ୱାସନଳୀରେ ସଂକ୍ରମଣ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ୱାମୀ କିରଣେନ୍ଦ୍ର, ବଡ଼ପୁଅ ପୂର୍ବତନ ୱାଇଲ୍ଡଲାଇଫ ୱାର୍ଡେନ୍ ପ୍ରକାଶ ମର୍ଦ୍ଦରାଜ, ସାନପୁଅ ବିକାଶ ମର୍ଦ୍ଦରାଜ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ଶେଷ ହୋଇଛି। ତାଙ୍କ ଅକାଳ ବିୟୋଗରେ ରାଜ ପରିବାର ସଦସ୍ୟଙ୍କ ସହ ବର୍ତ୍ତମାନର ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶୋକ ପ୍ରକାଶ କରିଛନ୍ତି। ରାଣୀ ରେଣୁକା ଦେବୀ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସାନ ମାଇଁ ଅଟନ୍ତି।

**ଅଲ୍ ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ର୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ**

## ଜୟ ପ୍ରକାଶ, ରବୀନ୍ଦ୍ର ଚାମ୍ପିୟନ



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ବାଲେଶ୍ୱରର ଦୁଇ ଖେଳାଳିଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର, ୩୧।୧(ମାନସ ବିଶ୍ୱାଳ)**

ବାଲେଶ୍ୱରବ୍ୟାଡମିଣ୍ଟନଆସୋସିଏଶନର ଦୁଇ ପ୍ରମୁଖ ଖେଳାଳି ଜୟ ପ୍ରକାଶ ସିଂ ଓ ରବୀନ୍ଦ୍ର ପାଣିଗ୍ରାହୀ କଟକସ୍ଥିତ କ୍ରିଷ୍ଟ କଲେଜର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମ୍‌ରେ ଆୟୋଜିତ ଅଲ୍ ଓଡ଼ିଶା ମାଷ୍ଟର୍ସ ଷ୍ଟେଟ୍ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଏହି ଟୁର୍ନାମେଣ୍ଟରେ ୧୨୦ ପ୍ରତିଯୋଗୀ ଯୋଗଦେଇଥିଲେ। ବାଲେଶ୍ୱର ଓ ଭୁବନେଶ୍ୱର ବ୍ୟାଡମିଣ୍ଟନ ଆସୋସିଏଶନ ଯୋଡ଼ି ଫାଇନାଲରେ ପ୍ରବେଶ କରିଥିଲେ। ବାଲେଶ୍ୱରର ଜୟପ୍ରକାଶ ଓ ରବୀନ୍ଦ୍ର ଭୁବନେଶ୍ୱର ବ୍ୟାଡମିଣ୍ଟନ ଆସୋସିଏଶନର ଖେଳାଳି ଜ୍ଞାନ ଚାନ୍ଦ ଓ ରଣଜିତ କୁମାର ବାଣ୍ଡଙ୍କୁ ୨୧-୧୮, ୧୩-୨୧, ୨୩-୨୧ ସେଟ୍‌ରେ ପରାଜିତ କରିଥିଲେ। ଏହି ଟୁର୍ନାମେଣ୍ଟ ଜାତୀୟ ବ୍ୟାଡମିଣ୍ଟନ୍ ଚାମ୍ପିୟନଶିପ୍‌ରେ ଭାଗ ନେବା ପାଇଁ ଚୟନ ପ୍ରକ୍ରିୟା ଥିଲା। ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, କଟକ ବ୍ୟାଡମିଣ୍ଟନ୍ ଆସୋସିଏଶନ୍ ଚେୟାରମ୍ୟାନ୍ କମଲ ଦାସ, ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ୍ ରେଫେରୀ ରିତା ଦାସ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟସ୍ତରୀୟ କରାଟେ ଟୁର୍ନାମେଣ୍ଟରେ ବାଲେଶ୍ୱର ପିଲାଙ୍କ କୃତିତ୍ୱ

**ବାଲେଶ୍ୱର, ୩୧।୧(ମାନସ ବିଶ୍ୱାଳ)**

ବାଲେଶ୍ୱର ଫିଟ୍-୨-ଫାଇଟ୍ କରାଟେ ସେଣ୍ଟରର ପ୍ରତିଯୋଗୀମାନେ ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ କରଞ୍ଜିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୫ତମ ଆଜାଦ କପ୍ ଟୁର୍ନାମେଣ୍ଟରେ କୃତିତ୍ୱ ଅର୍ଜନ କରିଛନ୍ତି। ମୋଟ ୧୧ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କାଟା ବିଭାଗରେ ପ୍ରଭୁ କଲ୍ୟାଣ ପଣ୍ଡିତ ଗୋଲ୍ଡ ମେଡ଼ାଲ ହାସଲ କରିଥିବା ବେଳେ କୁମିଟେ ବିଭାଗରେ(୧୦) ମୃଣ୍ମୟୀ ଯଶସ୍ୱିନୀ ଗୋଲ୍ଡ, ୧୦ବର୍ଷ ବାଳକ ବିଭାଗରେ ଦିପଲ ପାଢ଼ୀ ଗୋଲ୍ଡ ସମେତ ବିଭିନ୍ନ ବିଭାଗରେ ୩ଟି ସିଲଭର ଓ ୧୭ଟି ବ୍ରୋଞ୍ଜ ପଦକରେ ବିଜୟୀ ହୋଇଛନ୍ତି। କୃତି ପ୍ରତିଯୋଗୀଙ୍କୁ ପ୍ରଶିକ୍ଷକ ମନୋରଞ୍ଜନ ଆଚାର୍ଯ୍ୟ ବାଲେଶ୍ୱର ତରଫରୁ ପ୍ରଶିକ୍ଷଣ ଦେଇଥିଲେ।

## ଭାଜପାରେ ମିଶିଲେ ୨୫୦ରୁ ଊର୍ଦ୍ଧ୍ୱ ମହିଳା

**ବସ୍ତା, ୩୧।୧(ହରିଶଙ୍କର ପାଢ଼ି)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଭାଜପାରେ ବୁଧବାର ବଡ଼ ଧରଣର ମିଶ୍ରଣ ପର୍ବ ହୋଇଛି। ଘୋଷ କଲାଣ ମଣ୍ଡପରେ ବସ୍ତା ଭାଜପା ନେତା ରବୀନ୍ଦ୍ର କୁମାର ଜୈନ ଏହାର ନେତୃତ୍ୱ ନେଇଥିଲେ। ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ମାଳତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ବରୁଣଗଡ଼ିଆ ପଞ୍ଚାୟତ ପୂର୍ବତନ ବିଜେଡି ସଭାପତି ସଂଯୁକ୍ତା ମଣ୍ଡଳ ଓ ପୂର୍ବତନ ବାହାର୍ଦ୍ଦା ପଞ୍ଚାୟତ ଜିପିଏଲଏଫ୍ ସଭାପତି ମୀତାରାଣୀ ମଲ୍ଲିକଙ୍କ ନେତୃତ୍ୱରେ ବରୁଣଗଡିଆ, ମୁକୁଲିସି, ବାହାର୍ଦ୍ଦା, ଚକୁରୀ ଓ ଦୁଧହଂସା ପଞ୍ଚାୟତରେ ବିଜେଡି ଓ କଂଗ୍ରେସ ଦଳୀୟ ଜନପ୍ରତିନିଧିଙ୍କ ଆକ୍ରୋଶର ଶିକାର ହୋଇ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସୂର୍ଯ୍ୟନାରାୟଣ ସାହୁ, ଅଜୟ ବେହେରା, ବିନୟକେତନ ବେହେରା, ଯଶୋଦା ନାୟକ, ଅଞ୍ଜନା ବେହେରାଙ୍କ ସମେତ ବହୁ ପଞ୍ଚାୟତ ନେତା ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚା ସଦସ୍ୟା କଲ୍ୟାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଭିତ୍ତିଭୂମି ସୁଦୃଢ଼ କରୁଛି ଆମ ଓଡ଼ିଶା ନବୀନ ଓଡ଼ିଶା


ନହଙ୍ଗ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

**ଖଇରା, ୩୧।୧(ଉତ୍କଳବନ୍ଧୁ ପଣ୍ଡା)**

ଗ୍ରାମାଞ୍ଚଳରେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ଜଗନ୍ନାଥ ସଂସ୍କୃତିର ଉନ୍ନତି ଲାଗି ଆମ ଓଡିଶା ନବୀନ ଓଡିଶା ସଞ୍ଜିବନୀ ଭଳି କାର୍ଯ୍ୟ କରୁଛି । ପ୍ରଥମେ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ପ୍ରଦାନ କରିବା ପରେ ଗାଁଗହଳିର ଅନୁଷ୍ଠାନ ଝଲସୁଥିବା ବେଳେ ପୁଣି ୧କୋଟି ମଞ୍ଜୁରୀ ମିଳିବା ପରେ ଆବାଳବୃଦ୍ଧବନିତାଙ୍କ ମୁହଁରେ ହସ ଫୁଟାଇଛି। ଏହି ଯୋଜନା ଗାଁଗହଳିର ଭିତ୍ତିଭୂମିକୁ ସୁଦୃଢ଼ କରିଛି ବୋଲି ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ବୁଧବାର ଖଇରା, ନହଙ୍ଗ, ଅମରିଆ ସମେତ ବିଭିନ୍ନ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ବିଷୟରେ କହିଛନ୍ତି। ନହଙ୍ଗ ପଞ୍ଚାୟତରେ ବିଧାୟକଙ୍କ ବ୍ୟତୀତ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା, ଅବସରପ୍ରାପ୍ତ ଶିକ୍ଷକ ମଦନମୋହନ ବେହେରା ଓ ରଘୁନାଥ ଜେନା ଅତିଥି ଭାବେ ଏବଂ ନିର୍ବାହୀ ଅଧିକାରିଣୀ ଖୋଲଣା ମଢେଇ ମଞ୍ଚ ପରିଚାଳନା କରିଥିଲେ। ଖଇରା ସଭାମଞ୍ଚରେ ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏମବିକେ ନିରୁପମା ନାୟକ ଓ ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। ଅମରିଆ ପଞ୍ଚାୟତରେ କୈଳାସ ଚନ୍ଦ୍ର ପୃଷ୍ଟି ସଭା ପରିଚାଳନା କରିଥିଲେ। ସରପଞ୍ଚ ସସ୍ମିତା ଧିନ୍ଦା, ରାଧାକାନ୍ତ ଦାସ, ଚିତ୍ତରଞ୍ଜନ ପଣ୍ଡା, କିଶୋରୀ ପ୍ରଧାନ, ନିର୍ବାହୀ ଅଧିକାରୀ ମାନସୀ ସେଠୀ, ଏମବିକେ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁରୁଣ୍ଟା ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ସରପଞ୍ଚ ଅକ୍ଷୟ ମହାପାତ୍ର, ଅଜୟ ପଣ୍ଡା, ରମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡୁଙ୍ଗୁରା ପଞ୍ଚାୟତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରକାଶ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାଲିଆପାଳ ଆଇଡିଏଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବାଲିଆପାଳ, ୩୧।୧(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଆଇଡିଏଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲିଆପାଳ ତହସିଲଦାର ଜନକ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ପ୍ରତି ଶିକ୍ଷୟିତ୍ରୀଶିକ୍ଷକ ଯତ୍ନବାନ ହେବା ଉଚିତ୍। ମୁଖ୍ୟବକ୍ତା ଭାବେ ଟାଟା ଷ୍ଟିଲ ଫାଉଣ୍ଡେଶନ ସିଏସ୍‌ଆର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ଦେଇଥିଲେ।ସ୍କୁଲ ପରିଚାଳନା କମିଟି ସମ୍ପାଦକ ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ଦାସ, ସାମାଜିକ କର୍ମୀ ସଞ୍ଜୟ କୁମାର ଦେ, ଟ୍ରେଜେରୀର ବିଶିଷ୍ଟ ବ୍ୟବସାୟୀ ଅନନ୍ତ ବିଶ୍ୱାଳ, କମିଟିର ବରିଷ୍ଠ ସଦସ୍ୟ ସୁଧାଂଶୁ ବାରିକ, ବିଜୟ କୁମାର ସାମଲ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ କିପରି ଶିକ୍ଷାର ମାନବୃଦ୍ଧି କରାଯାଇପାରିବ କମିଟି ଯତ୍ନବାନ ରହିବ ବୋଲି ବକ୍ତବ୍ୟରେ କହିଥିଲେ। ଶିକ୍ଷକ ବ୍ରହ୍ମ ପ୍ରକାଶ ନାଥ ମଞ୍ଚ ଆହ୍ୱାନ କରୁଥିବା ବେଳେ ଶିକ୍ଷୟିତ୍ରୀ ଚନ୍ଦନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାର ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ତନୁସ୍ମିତା ରାଉତ, ରଶ୍ମୀରେଖା ପଟ୍ଟନାୟକ, ଶୁଭଲକ୍ଷ୍ମୀ ମହାରଣା ଓ ମଧୁସ୍ମିତା ରାଉତଙ୍କ ସହିତ ଜ୍ୟୋତ୍ସ୍ନା ଗିରି ସାଂସ୍କୃତିକ କାର୍ଯକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶିକ୍ଷକ ଲିତୁନ ଜେନା, ଅଶୋକ କୁମାର ସାହୁ, ରାଜୀବ କୁମାର ସେଠୀ, ଅନନ୍ତ ରଣସିଂ, ତନ୍ମୟ ସି, ଭବାନୀ ପଣ୍ଡା, ସୁନାଖି ପାତ୍ର, ସ୍ୱୟଂପ୍ରଭା ପାଠୀ, ଶକୁନ୍ତଳା ପଣ୍ଡା ଶାନ୍ତିଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ। ଦୁଃଖ ହରଣ ବାରିକ, ରବୀନ୍ଦ୍ର ଜେନା, ନରୋତ୍ତମ ବେହେରା, ତପନ ଦେ, କ୍ଷୀତିଶ ଦେ, ବିକାଶ ସିଂ, ସନାତନ ସିଂ, ଦିବ୍ୟାଂଶୁ ରଣା, ଭକ୍ତବନ୍ଧୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ଖବରଦାତାଙ୍କ ପରଲୋକ

**ରୂପସା,୩୧।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ରୂପସା ସାମିଲ ହସନପୁର ପଞ୍ଚାୟତ ଅଧୀନ ପାଟପୁର ଗ୍ରାମର ଖବରଦାତା ମନୋରଞ୍ଜନ ପ୍ରଧାନ(୫୨)ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ବସ୍ତା ପ୍ରେସକ୍ଲବର କୋଷାଧ୍ୟକ୍ଷ, ରୂପସା ଅଗ୍ନିହୋତ୍ର ପରିବାର ସମ୍ପାଦକ ଏବଂ ବିଜେଡିର ଜଣେ ଦୃଢ଼ ସଙ୍ଗଠକ ଥିଲେ। ମଙ୍ଗଳବାର ଛାତିରେ ଭୀଷଣ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ ଶେଷଦର୍ଶନ କରିଥିଲେ। ତାଙ୍କ ସ୍ତ୍ରୀ ମାଳତୀ ପ୍ରଧାନ ରୂପସା ସାମିଲ ହସନପୁର ପଞ୍ଚାୟତର ସରପଞ୍ଚ ଅଛନ୍ତି।

## 'ଛାତ୍ରୀଛାତ୍ରଙ୍କ ଲାଗି ଉତ୍ତମ ଶିକ୍ଷା ସହ ସଂସ୍କାର ଜରୁରୀ'

**ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୩୧।୧**

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରଠାରେ ଥିବା ଶଚ୍ଚିନ୍ଦ୍ର କୁମାର ଓ ଯଶୋଦାମଣି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା କହିଥିଲେ। ମୁଖ୍ୟବକ୍ତା ଭାବେ ଲତାଯୋଡ଼ି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଉତ୍ତମ ଶିକ୍ଷା ସହିତ ସଂସ୍କାରିତ ହେଲେ ଛାତ୍ରୀଛାତ୍ରମାନେ ବଡ଼ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମେଡିକାଲ କଲେଜର ପୂର୍ବତନ ପ୍ରଫେସର ଡା. ମୃତ୍ୟୁଞ୍ଜୟ ପଣ୍ଡା, ପୂର୍ବତନ ଆଇଆଇଟିଆନ୍ ଇଂ. ମନମୋହନ ସେଠୀ, ସାମାଜିକ କର୍ମୀ ଚିତ୍ତରଞ୍ଜନ ଜେନା, ସିଆର୍‌ସିସି ସୁଶାନ୍ତ କୁମାର ରାଉଳ, ଶିକ୍ଷକ ନେତା ଆଦିତ୍ୟ ରାଉତ, ବାଲିଆପାଳ ଶିକ୍ଷକ ସମନ୍ୱୟ କମିଟି ସଭାପତି ମନ୍ମଥ କୁମାର ବିଶ୍ୱାଳ, ବଣିଆଡ଼ିହା ପଞ୍ଚାୟତ ସରପଞ୍ଚ କାଳିଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭୟ କୁମାର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ପାତ୍ରଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଶୋକ କୁମାର ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

## ଭଦ୍ରକ

## ଦୁର୍ଘଟଣାରେ ମୃତ ଚାଷୀଙ୍କ ପରିବାରକୁ ସହାୟତା ପ୍ରଦାନ ଦାବି

**ଭଦ୍ରକ,୩୧।୧(ସନାତନ ରାଉତ)**

ଭଦ୍ରକ ବ୍ଲକ୍ ସାବରଙ୍ଗ ଥାନା ଅଧୀନ ସାହାଡ଼ା ପଞ୍ଚାୟତ ସନାନ୍ଦପୁର ଗ୍ରାମର ଚାଷୀ ଗୋଲକ ମଳିକ(୫୫)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଗତ ୨୪ ତାରିଖରେ ଭଦ୍ରକ ଚାନ୍ଦବାଲି ରାସ୍ତାର ସରକାର ନଗରଠାରେ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ମେଡିକାଲରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ସାହାଡ଼ା ସେବା ସମବାୟ ସମିତିର ଜଣେ ଋଣୀସଭ୍ୟ ଅଟନ୍ତି। ତାଙ୍କର ୨ଟି ପୁଅ ଓ ଜଣେ ଝିଅ ସହ ବିଧବା ସ୍ତ୍ରୀ ଏବେ ବେସାହାରା ହୋଇଯାଇଛନ୍ତି। ତାଙ୍କର ଋଣଛାଡ଼ ସହ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାହାଡ଼ା ପଞ୍ଚାୟତ ବିଜେଡି ଯୁବ ସଭାପତି ପ୍ରଦୀପ ଦାସ, ୱାର୍ଡ ସଭ୍ୟ ମୀନକେତନ ସାହୁ, ହୀରାଲାଲ ମୁଦୁଲି, କାମଦେବ ମଳିକ, ପ୍ରଭାତ ବେହେରା ପ୍ରମୁଖ ଦାବି କରିଛନ୍ତି।

## ଲୋକାଭିମୁଖୀ ଯୋଜନାର ସଚେତନତା ଶିବିର


ଶିବିରରେ ଉପସ୍ଥିତ ଅତିଥି ଓ ସ୍ଥାନୀୟ ଲୋକେ।

**ଚାନ୍ଦବାଲି, ୩୧।୧(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଭାଟପଡ଼ା, ବଡ଼ଓସ୍ତିଆ ଓ ମହୁଲିଆ ପଞ୍ଚାୟତରେ ବୁଧବାର ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବ୍ୟୋମକେଶ ରାୟ ଯୋଗଦେଇ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ଧାର୍ମିକ ସ୍ଥଳଗୁଡ଼ିକର ରୂପାନ୍ତରୀକରଣ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଭାଟପଡ଼ା ପଞ୍ଚାୟତ ଦୋଳମଣ୍ଡପ ପଡ଼ିଆରେ ଯୁବନେତା ପ୍ରଭାସ ନାୟକଙ୍କ ଅଧ୍ୟକ୍ଷତାରେ ବିଧାୟକଙ୍କ ସମେତ ବିଡିଓ ଅସିତ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ସେହିପରି ବଡ଼ଓସ୍ତିଆ ପଞ୍ଚାୟତରେ ସାଇ ମନ୍ଦିର ପରିସରରେ ଜନସଚେତନତା ଶିବିରରେ ସରପଞ୍ଚ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକଙ୍କ ସମେତ ବିଡିଓ ଅସିତ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ଯୁବନେତା ଲଲାଟେନ୍ଦୁ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମହୁଲିଆ ପଞ୍ଚାୟତର ନିଶ୍ଚିନ୍ତା ପଡ଼ିଆରେ ଯୁବନେତା ଦେବବ୍ରତ ଦାସଙ୍କ ଅଧ୍ୟକ୍ଷତାରେ ବିଧାୟକଙ୍କ ସହ ବିଡିଓ ଅସିତ କୁମାର ମହାନ୍ତି, ସରପଞ୍ଚ ସୁରେନ୍ଦ୍ର ସେଠୀ, ମହୁଲିଆ ପଞ୍ଚାୟତର ସଭାପତି ମୁକ୍ତିକାନ୍ତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନରେ ବଳିଦାନ ଦିବସ ପାଳିତ

**ଭଦ୍ରକ,୩୧।୧(ସନାତନ ରାଉତ)**

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଭଦ୍ରକ ଶାଖାରେ ମଙ୍ଗଳବାର ସନ୍ଧ୍ୟାରେ ମହାତ୍ମାଗାନ୍ଧୀଙ୍କ ୭୬ତମ ମହାପ୍ରୟାଣ ଦିବସକୁ 'ବଳିଦାନ ଦିବସ' ରୂପେ ପାଳନ କରାଯାଇଛି। ପୁରୁଣାବଜାରସ୍ଥିତ ମଲ୍ଲିକ୍ ମୈଦାନ୍‌ଠାରେ ପ୍ରତିଷ୍ଠାନର ସଭାପତି ଅଖିଳ କୁମାର ପାଢ଼ିଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠାନର ଆବାହକ ଡା. ବିଶ୍ୱଜିତ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରାର ସୁରକ୍ଷା ପାଇଁ ଗାନ୍ଧୀବାଦୀମାନେ ଉଦ୍ୟମ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ସନ୍ତୋଷ ଦାସ, ଅନ୍ୟତମ ଅତିଥିଭାବେ ପ୍ରାଧାପିକା ଝରଣା ପଟ୍ଟନାୟକ, ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ଶେଖ୍ ମହମ୍ମଦ ଫାରୁକ୍, ଭଦ୍ରକ ବାର୍ ଆସୋସିଏଶନ ସମ୍ପାଦକ ଦିବ୍ୟସିଂହ ନାୟକ, ପ୍ରାଧାପକ ନାସିର୍ ବକ୍ସ ଓ ତରନୁମ୍ କାଦ୍ରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଆଇନଜୀବୀ ପବନ କୁମାର ଶର୍ମା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ଗଣଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିବା ଗ୍ରାମବାସୀ।

**ଭଦ୍ରକ,୩୧।୧(ସନାତନ ରାଉତ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପାଟୁଳୀଠାରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି। ସୂଚନା ଅନୁଯାୟୀ, ୧୯୯୨ରୁ ଏଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଚାଲୁଥିବା ବେଳେ ୨୦୧୩ରେ ଏଏନ୍‌ଏମ୍ ପୋଷ୍ଟିଂ ପରେ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟସେବା ପାଇ ଆସୁଥିଲେ। ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିବା ବେଳେ ଚଞ୍ଚକତା କରି ମୁବାରକପୁରଠାରେ ସ୍ଥାୟୀ ଗୃହ ନିର୍ମାଣ ଆରମ୍ଭ କରାଯାଇଛି। ପାଟୁଳୀ ଗ୍ରାମବାସୀ ଏହା ଜାଣିବା ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ ପରେ ମାମଲା(ନଂ.୧୭୯୫୮/୨୦୨୩) ରୁଜୁ ହୋଇଥିଲା। କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ମୁବାରକପୁରରେ ନିର୍ମାଣ କାର୍ଯ୍ୟ କିପରି ଚାଲୁଛି ବୋଲି ଗ୍ରାମାବାସୀ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳଙ୍କଠାରେ ଗତ ୧୬ ତାରିଖରେ ଅଭିଯୋଗ କରିବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ନ ଥିବାରୁ ଗ୍ରାମବାସୀ ମାନେ ବାଧ ହୋଇ ମଙ୍ଗଳବାରଠାରୁ ଗଣଧାରଣାରେ ବସି ରହିଥିବା କହିଛନ୍ତି। ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାନାନ୍ତର ବାତିଲ କରାଯାଇ ସ୍ଥାୟୀ ଘର ପାଟୁଳୀରେ ନିର୍ମାଣ କରାଯିବାକୁ ଗ୍ରାମର ମଧୁସୂଦନ ଦତ୍ତ, ଶରତ କୁମାର ଦେ, ମଦନ ମୋହନ ଦତ୍ତ, ସୁବଳ ଚନ୍ଦ୍ର ସାହୁ, ଚନ୍ଦ୍ରମଣି ନନ୍ଦୀ, ନିରଞ୍ଜନ ଦତ୍ତ, ମାନସ ମହାରଣା, ଶ୍ରୀଧର ଦଳେଇ, ମାଧବ ବେହେରା, ୱାର୍ଡ ସଭ୍ୟ ଗୋପାଳ ସୂତାର, ସାବିତ୍ରୀ ପାଲ, ଝୁନୁରାଣୀ ପତି, ପୁଷ୍ପାଞ୍ଜଳି ବେହେରା, ମମତାରାଣୀ ଦେ ପ୍ରମୁଖ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି।

## ବାସୁଦେବପୁରରେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା



**ବାସୁଦେବପୁର,୩୧।୧(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ସହରରେ ବୁଧବାର ଅଲମ୍ପିକ୍ ଖେଳାଳି ଦୂତୀ ଚାନ୍ଦ ଓ ଯୁବନେତା ବାଣୀକଲ୍ୟାଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାସୁଦେବପୁର ବ୍ଲକ୍ କୃଷ୍ଣପୁର ପଞ୍ଚାୟତରେ ଏକ କ୍ରିକେଟ୍ ମ୍ୟାଚ ଉଦ୍‌ଯାପନୀ ଉତ୍ସବରେ ଉଭୟେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ ଦୁଇଜଣଙ୍କୁ ବାସୁଦେବପୁର ନୀଳମଣି ଟାଉନହଲଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ଛକରେ ଦୁହିଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୧୪୬ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

**ତିହିଡ଼ି,୩୧।୧(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଦୌଲତପୁର ପଞ୍ଚାୟତ ଅଧୀନ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୬୪ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିବା ବେଳେ ୧୪୬ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୩୮ଜଣ ମାନସିକ ଅନଗ୍ରସର, ୩୪ ଶ୍ରବଣବାଧିତ, ୨୫ ଦୃଷ୍ଟିବାଧିତ, ୪୧ ଚଳନଶକ୍ତି ବାଧିତ ଏବଂ ୧୨ଜଣ ଶିଶୁଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ବିଡିଓ ଜ୍ୟୋର୍ତିମୟ କରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସଭ୍ୟ ଅମୂଲ୍ୟ କୁମାର ମାଝୀ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଉମାକାନ୍ତ ସେଠୀ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ ନିଜକୁ ନିଃସହାୟ ନ ଭାବିବାକୁ ସରକାର ଉଦ୍ୟମ କରୁଥିବା କହିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନବନ୍ଧୁ ମହାନ୍ତି ଧନ୍ୟବାଦ ଦେଇଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ପିଇଓ ଡ. ଅରୁଣ ପଣ୍ଡା, ସୁକାନ୍ତୀ ମଲିକ, ଶାରଦା ବଳ, ରୁନୁଲତା ମଲିକ, ନଳିନୀକାନ୍ତ ଦାସ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହକାରୀ ସୁଧାଂଶୁ ନାୟକ, ତ୍ରିବେଣୀ ଟ୍ରଷ୍ଟର ଅଧ୍ୟକ୍ଷା ରଞ୍ଜୁଲତା ଗାହାଣ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



